ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.189 Bhubaneswar Monday September 4 2023 | ୨୬ତମ ବର୍ଷ ସଂଖ୍ୟା-୧୮୯ ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୪, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ବଜ୍ରପାତ ସମ୍ପର୍କିତ ଆଗୁଆ ସୂଚନା କେମିତି ଜାଣିବେ ?



ଭୁବନେଶ୍ୱର,୩।୯(ପି.ଏନ):କେମିତି ଜାଣିବେ ଆଗକୁ ବଜ୍ରପାତର ଆଶଙ୍କା ରହିଛି ? ବଜ୍ରପାତରୁ ରକ୍ଷା ପାଇବା ଲାଗି କ'ଣ କରିବେ ? ପାଣିପାଗ ବିଶେଷଜ୍ଞଙ୍କ ମତରେ, ଆମ ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲା ସର୍ବାଧିକ ବଜ୍ରପାତ ହୋଇଥାଏ। ଜୁନରୁ ସେପ୍ଟେମ୍ବର ମଧ୍ୟରେ ଅଧିକ ବଜ୍ରପାତ ହୋଇଥାଏ। ଆକାଶରେ କଳାହାଣ୍ଡିଆ ମେଘ ଦେଖାଦେଲେ ବା ଆକାଶ ଆଂଶିକ ମେଘୁଆ ଓ ଶୁଖିଲା ଦେଖାଗଲେ, ଏହା ବଜ୍ରପାତର ସଙ୍କେତ। ଯଦି ୩୦ ସେକେଣ୍ଡ ବ୍ୟବଧାନରେ ଦୁଇଥର ଘଡଘଡି ଶୁଣାଯାଏ, ଭୟଙ୍କର ବଜ୍ରପାତର ସଙ୍କେତ। ଏଭଳି ସମୟରେ ଖୋଲା ସ୍ଥାନରେ, ଗଛ ତଳେ କିମ୍ବା ଜଳାଶୟ ମଧ୍ୟରେ ରହିବା ଅନୁଚିତ। ତୁରନ୍ତ ନିକଟସ୍ଥ ବାସଗୃହ ଭିତରକୁ ଚାଲିଯିବା ଉଚିତ। ବିଲ ଭିତରେ ଥିଲେ ମୁଣ୍ଡକୁ ନୁଆଁଇ ରଖି ଗୋଡକୁ ମାଟିରୁ ସର୍ବନିମ୍ନ ସ୍ପର୍ଶରେ ରୁହନ୍ତୁ ବୋଲି ପାଣିପାଗ ବିଜ୍ଞାନୀ ଡକ୍ଟର ଶରତ ସାହୁ କହିଛନ୍ତି ।ସେପଟେ ରାଜ୍ୟ ସରକାରଙ୍କ ତଥ୍ୟ କହୁଛି, କେବଳ ଶନିବାର ଅପରାହ୍ନ ସାଢ଼େ ୫ଟା ସୁଦ୍ଧା ରାଜ୍ୟରେ ୬୨ ହଜାର ୩୫୦ ଥର ବିଜୁଳି ମାରିଛି। ସେଥିମଧ୍ୟରୁ ୨୫ ହଜାର ୭୫୩ଟି ବିଜୁଳି ଭୂପୃଷ୍ଠ ଛୁଇଁଛି। ଘନଘନ ବିଜୁଳି ଓ ଘଡଘଡିରେ ଚାଲିଯାଇଛି ୧୨ ଅମୂଲ୍ୟ ଜୀବନ। ଆହତ ହୋଇଛନ୍ତି ୧୪ ଜଣ। ୮ ଗାଈଗୋରୁଙ୍କ ଜୀବନ ମଧ୍ୟ ବଜ୍ରାପାତରେ ଯାଇଛି।

# ପଞ୍ଚଭୂତରେ ବିଲୀନ ହେଲେ ସୂର୍ଯ୍ୟ ନାରାୟଣ ପାତ୍ର, ଲୁହରେ ଭିଜିଲା ଦିଗପହଣ୍ଡି



ଭୁବନେଶ୍ୱର,୩।୯(ପି.ଏନ): ପଞ୍ଚଭୂତରେ ବିଲୀନ ହେଲେ ପୂର୍ବତନ ବାଚସ୍ପତି ତଥା ବରିଷ୍ଠ ବିଜେଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ର। ଲୁହ ଭିଜା ଆଖିରେ ବିଦାୟ ଦେଇଛନ୍ତି ଶହ ଶହ ସମର୍ଥକ। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ମୁଖାଗ୍ନି ଦେଇଛନ୍ତି ପୁଅ ବିପ୍ଳବ ପାତ୍ର। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ମୃତ୍ୟୁ ଖବର ପାଇବା ପରେ ତାଙ୍କର ଶେଷ ଦର୍ଶନ ପାଇଁ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଙ୍କ ନୟାପଲ୍ଲୀ ସ୍ଥିତ ବାସଭବନରେ ଭିଡ ଜମି ଥିଲା। ବିଭିନ୍ନ ରାଜନୀତିକ ଦଳର ନେତାମାନେ ତାଙ୍କ ଶେଷ ଦର୍ଶନ କରିଥିଲେ।

# ସକ୍ରିୟ ହେଲା ଘୂର୍ଣ୍ଣିବଳୟ; ଆଗାମୀ ଦୁଇ ଦିନ ବର୍ଷିବ, ୭ରେ ପ୍ରବଳରୁ ଅତି ପ୍ରବଳ !



ଭୁବନେଶ୍ୱର,୩।୯(ପି.ଏନ): ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପ ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଗାମୀ ୨ ଦିନ ଯାଏଁ ରାଜ୍ୟରେ ବିସ୍ତୃତି ବର୍ଷା ହୋଇପାରେ। ତେବେ ୭ ତାରିଖରେ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ ବିଜୁଳି ଓ ଘଡଘଡି ମାରିପାରେ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ କୋରାପୁଟ, କଳାହାଣ୍ଡି, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ କେତେକ ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ହେବ। ସେହିପରି ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, କେନ୍ଦୁଝର, ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ, ବାରଗଡ, ରାୟଗଡା, ବଲାଙ୍ଗିର, ନୂଆପଡା, ଗଞ୍ଜାମ ଓ ଗଜପତି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ହେବ। ଏଥିପସହ ବଜ୍ରପାତ ଓ ଘଡଘଡି ମାରିବାର ସମ୍ଭାବନା ରହିଛ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ବିଜେପି ବିଧାୟିକା କୁସୁମ ଟେଟେଙ୍କୁ ଇପସିତାଙ୍କ ଟାର୍ଗେଟ

ଭୁବନେଶ୍ୱର,୩।୯(ପି.ଏନ): ସୁନ୍ଦରଗଡ଼ର ବିଜେପି ବିଧାୟିକା କୁସୁମ ଟେଟେଙ୍କୁ ଟାର୍ଗେଟ କରିଛନ୍ତି ବିଜେଡି ମୁଖପାତ୍ର ଇପସିତା ସାହୁ । କୁସୁମ ଟେଟେଙ୍କ ନିକଟତମ ସମ୍ପର୍କୀୟ ୨ ନମ୍ବର କୋଇଲା ବେପାର ଏବଂ ଟେଣ୍ଡର ଫିକ୍ସିଂ କରି ଯେଉଁ ୫୦୦ କୋଟି ରୋଜଗାର କରିଛନ୍ତି, ସେ ବିଷୟରେ ଆପଣ କହିଲେ କି ବୋଲି ପ୍ରଶ୍ନ କରିଛନ୍ତି । କୁସୁମ ଟେଟେଙ୍କ ନିକଟତମ ସମ୍ପର୍କୀୟ ଚାକିରି ଦେବା ନାଁରେ ଯେଉଁ ଠକାମୀ କରିଛନ୍ତି ସେଥିପାଇଁ ଉଦବେଗ ପ୍ରକାଶ କରୁଛନ୍ତି କି ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି ।ଚାକିରି ନାଁରେ ଠକେଇ କରି ଫେରାର୍ ଥିବା ଲୋକ ସହ ଆପଣଙ୍କ ସମ୍ପର୍କ କଣ ? ଏଥିରେ ହୋଇଥିବା ଦୁର୍ନୀତି ବାବଦ ଟଙ୍କା କାହା ପାଖକୁ ଯାଇଛି ? ଏନଟିପିସିରୁ ପାଉଁଶ ପରିବହନ ବାବଦକୁ ହୋଇଥିବା ଟେଣ୍ଡର ଫିକ୍ସିଂରେ କିଏ ସଂପୃକ୍ତ ଅଛି ? ୫୦୦ କୋଟି ଟଙ୍କା ଆପଣଙ୍କ ପାଇଁ କମ୍ ଲାଗିପାରେ ବୋଲି କହିଛନ୍ତି ଇପସିତା । ସମସ୍ତେ ଜାଣିଛନ୍ତି କୁସୁମ ଟେଟେ କେତେ କୋଟି ଟଙ୍କାର ମାଲିକ। ତାଙ୍କ ଭଳି ଜଣେ ଦୁର୍ନୀତିଗ୍ରସ୍ତ ଏବଂ ଜନବିରୋଧୀ ନେତାଙ୍କ ଅସଲ ଚେହେରା ଆସନ୍ତା ବିଧାନସଭା ଅଧିବେଶନରେ ଖୋଲିଯିବ, ସାଢେ ୪ କୋଟି ଓଡିଶାବାସୀଙ୍କ ସାମ୍ନାରେ ବାସ୍ତବ କଥା ଆସିବ । ଏଥିପାଇଁ ପ୍ରସ୍ତୁତ ହୋଇଥାଆନ୍ତୁ ବୋଲି ଇପସିତା କୁସୁମ ଟେଟେଙ୍କୁ କହିଛନ୍ତି ।

# ନବୀନ ସରକାରକୁ ଗାଦିଚ୍ୟୁତ ପାଇଁ ବିଜେପିର ଆକ୍ସନ ପ୍ଲାନ୍



ଭୁବନେଶ୍ୱର,୩।୯(ପି.ଏନ): ନବୀନ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ବିଜେପିର ଆକ୍ସନ ପ୍ଲାନ। ଉଭୟ ବିଧାନସଭା ଓ ଲୋମକସଭା ନିର୍ବାଚନରେ କିଭଳି ଅଧିକରୁ ଅଧିକ ସିଟ୍ ମିଳିବ, ସେଥିପାଇଁ ରୋଡ୍ ମ୍ୟାପ୍ ଉପରେ ଦଳର କୋର ଟିମ୍‌ବୈଠକରେ ହୋଇଛି ବିସ୍ତୃତ ଆଲୋଚନା। ଆଗାମୀ ୨ ମାସ ଲାଗି କାର୍ଯ୍ୟକ୍ରମ ଖସଡା ପ୍ରସ୍ତୁତ କରାଯିବା ସହ ରାଜ୍ୟ ସରକାର ବିରୋଧରେ ଆନ୍ଦୋଳନ ଜୋରଦାର କରିବାକୁ ନିଷ୍ପତ୍ତି ହୋଇଛି ।ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବସିଥିଲା ବିଜେପିର କୋର୍ କମିଟି ବୈଠକ। ଏଥିରେ କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂଶଲ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ସମ୍ବିତ ପାତ୍ର, ପ୍ରତାପ ଷଡଙ୍ଗୀ, ଜୁଏଲ୍ ଓରାମ୍‌ଙ୍କ ସମେତ ଦଳର ଟପ୍ ଲିଡରମାନେ ଉପସ୍ଥିତ ଥିଲେ। ଫୋକସରେ ୨୦୨୪ ସାଧାରଣ ନିର୍ବାଚନ ରହିଥିଲା। ନବୀନ ସରକାରକୁ ହଟାଇବା ପାଇଁ ଦୁଇ ମାସିଆ ଆକସନ ପ୍ଲାନ୍ ପ୍ରସ୍ତୁତ ହୋଇଥିଲା। ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନରେ କିଭଳି ଅଧିକରୁ ଅଧିକ ସିଟ୍ ମିଳିବ ସେହି ମିଶନରେ କାମ କରୁଛି ପାର୍ଟି। ବୁଥ୍, ଶକ୍ତିକେନ୍ଦ୍ର, ମଣ୍ଡଳ, ବ୍ଲକ୍ ଓ ସଂସଦୀୟ କ୍ଷେତ୍ରରେ ସଙ୍ଗଠନକୁ ମଜଭୁତ କରି ମୌଦି ସରକାରଙ୍କ ୯ ବର୍ଷର ସଫଳତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆଲୋଚନା ହୋଇଛି। ଲୋକଙ୍କ ସହ ଯୋଡିବା ହେବା ପାଇଁ ଅନେକ ସାମଜିକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ମୋ' ମାଟି-ମୋ' ଦେଶ, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସେବା ପକ୍ଷ କାର୍ଯ୍ୟକ୍ରମ କରିବାକୁ ହୋଇଛି ବିସ୍ତୃତ ଆଲୋଚନା।

## ଭବାନୀପାଟଣା ସହରର ରାମନଗର ପଡ଼ାରେ ସେକ୍ସ ରାକେଟ୍ ଠାବ

କଳାହାଣ୍ଡି,୩।୯(ପି.ଏନ): ଭବାନୀପାଟଣା ସହରର ରାମନଗର ପଡ଼ାରୁ ସେକ୍ସ ରେକେଟ୍ ଠାବ। ୨ ଜଣ ଦେହଜୀବୀଙ୍କ ସହ ଦଲାଲଙ୍କୁ ଉଠାଇ ଆଣିଲା ପୋଲିସ୍ । ଦୀର୍ଘବର୍ଷ ଧରି ଏଠାରେ ସେକ୍ସ ରାକେଟ ଚାଲିଥିବା ସୂଚନା ପାଇଥିଲା ପୋଲିସ । ସଦର ଏସଡିପିଓଙ୍କ ନିର୍ଦ୍ଦେଶରେ ଚଢାଉ କରିଥିଲା ପୋଲିସ୍ ଟିମ୍ । ରାମନଗର ପଡ଼ାରୁ ଦୁଇଜଣ ଦେହଜୀବୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ଦଲାଲଙ୍କୁ ଗିରଫ କରିଛି ପୋଲିସ୍ ।

# ହିଞ୍ଜିଳିକାଟୁରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ହିଞ୍ଜିଳିକାଟୁ,୩।୯(ପି.ଏନ): ହିଞ୍ଜିଳିକାଟୁ ପୌର ପରିଷଦ ତରଫରୁ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପ୍ରଭାତରେ ପୌର ପରିଷଦ କାର୍ଯ୍ୟାଳୟରେ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲାଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ସ୍ଥାନୀୟ ଅଞ୍ଚଳବାସୀ ଓ ପୌର କର୍ମଚାରୀ ମାନେ ସମ୍ମିଳିତ ହୋଇ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରୁ ଏକ ସ୍ୱଚ୍ଛ ସଚେତନତା ଶୋଭାଯାତ୍ରାରେ ବାହାରି ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡିୟମ ଠାରେ ପହଞ୍ଚିଥିଲେ। ସେଠାରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରାଙ୍କ ସଂଯୋଜନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲାଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୌର ପରିଷଦ ପକ୍ଷରୁ ୭୦ ଲକ୍ଷ ବ୍ୟୟରେ ନିର୍ମାଣ କରାଯାଇଥିବା ୧୦ ଗୋଟି ପ୍ରକଳ୍ପର ଲୋକାର୍ପଣ କରିବା ସହ ୫ ଜଣ ଭିନ୍ନକ୍ଷମ ଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରିଥିଲେ କ୍ଷ ସ୍ୱଚ୍ଛ ସାଥୀ , ସ୍ୱଚ୍ଛ ସୁପର ଭାଇଜର, ସଫେଇ କର୍ମାରୀ ଓ କିଛି ମିଶନ ଶକ୍ତି ମହିଳା ମାଆ ମାନଙ୍କୁ ପୌରପରିଷଦ ତରଫରୁ ପୋଷାକ ବର୍ଣ୍ଟନ କରାଯାଇଥିଲା । ୪୩ ଜଣ ନୂତନ ହିତାଧିକାରୀ ମାନଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିଲା । ସେହିପରି ସନ୍ଧ୍ୟାରେ ସମୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟମନ୍ତ୍ରୀ ଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ସମ୍ମାନୀତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ୱି.କିର୍ତ୍ତି ଭାସନ ଯୋଗ ଦେଇଥିଲେ କ୍ଷ ଏହି କାର୍ଯ୍ୟକ୍ରମ ରେ ସହର ର ଅଗ୍ରିଣ ଭୂମିକା ନିର୍ବାହ କରୁଥିବା ସ୍ୱଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ସମ୍ମାନୀତ କରାଯାଇଥିଲା ସେହିଭଳି ଇସ୍‌ରୋ ରେ କାର୍ଯ୍ୟ କରୁଥିବା ହିଞ୍ଜିଳିକାଟୁ ଅଞ୍ଚଳ ମହେନ୍ଦ୍ର ବେହେରା ଚନ୍ଦ୍ରଯାନ--୩ ଚନ୍ଦ୍ରପୃଷ୍ଠ କୁ ପଠାଇବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବାରୁ ତାଙ୍କ ଅନୁପସ୍ଥିତରେ ତାଙ୍କ ପିତା ଓ ମାତା ଙ୍କୁ ପୌର ପରିଷଦ ପକ୍ଷରୁ ସମ୍ମାନୀତ କରାଯାଇଥିଲା।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ ବିଜେଡି ବିଧାୟକ ତଥା ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ମରଶରୀରରେ ତାଙ୍କ ନୟାପଲ୍ଲିରେ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି...

# ଓଡ଼ିଆ ରାଷ୍ଟ୍ରବାଦରେ ସଂଘର ବିଚାରଧାରା ପ୍ରତିଫଳିତ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୩।୯(ପି.ଏନ): ମୁଁ ଆଜି ଯାହା ହୋଇଛି ସଂଘର ବିଚାର ପ୍ରବାହ କାରଣରୁ ସମ୍ଭବ ହୋଇଛି । ଓଡ଼ିଆ ରାଷ୍ଟ୍ରବାଦରେ ହିଁ ସଂଘର ବିଚାରଧାରା ପ୍ରତିଫଳିତ ବୋଲି ଆରଏସଏସ୍ ୩୬୦ସ୍ବ ପୁସ୍ତକର ଓଡ଼ିଆ ସଂସ୍କରଣକୁ ଉନ୍ମୋଚନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭୁବନେଶ୍ୱରର ଜୟଦେବ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ପୁସ୍ତକର ମୂଳ ତଥା ପ୍ରସିଦ୍ଧ ଲେଖକ ଡ. ରତନ ଶାରଦା ଓ ଏହାକୁ ଓଡ଼ିଆରେ ଅନୁବାଦ କରିଥିବା ଲେଖିକା ନବଜ୍ୟୋତି ରାୟଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ସାହିତ୍ୟ ପଢିଲେ ଲୋକମାନେ ପ୍ରଭାବିତ ହୁଅନ୍ତି । ସାହିତ୍ୟ ଲୋକଭାଷାରେ ହିଁ ହେବା ଦରକାର । ଏହି ପୃଷ୍ଠଭୂମିରେ ରାଷ୍ଟ୍ରନିର୍ମାଣ ପ୍ରତି ସଂଘର ଦୃଷ୍ଟିକୋଣ, ବିଚାରଧାରା ତଥା ଭାରତୀୟ ସଂସ୍କୃତି, ସମାଜ ଓ ସଭ୍ୟତାର ପ୍ରସାର ଆଦି ବିଷୟ ଗୁଡ଼ିକୁ ଅତି ସରଳ ଭାଷାରେ ଓଡ଼ିଆରେ ଉପଲବ୍ଧ କରଯାଇଛି । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସେବା ବିଚାର ଏବଂ ଆରଏସଏସ ପ୍ରତିଷ୍ଠାତା ହେଡଗଓ୍ବାରଙ୍କ ତତ୍ତ୍ୱ ସମ୍ପୂର୍ଣ୍ଣ ଏକ୍ ଥିଲା । କାଶ୍ମୀରରୁ କନ୍ୟାକୁମାରୀ ଓ କଚ୍ଛରୁ କାମାକ୍ଷା ପର୍ଯ୍ୟନ୍ତ ସଂଘର ଅଂସଖ୍ୟ ସ୍ୱୟଂସେବକ ପ୍ରତିଦିନ ଗୋପବନ୍ଧୁଙ୍କୁ ସ୍ମରଣ କରନ୍ତି । ଆଜି ୧୯୩୬ ମସିହାରେ ରାଷ୍ଟ୍ରୀୟ ସ୍ୱୟଂ ସଂଘର ଆରମ୍ଭ ହୋଇଥିବା କାମ ଓଡ଼ିଶାରେ ଆରମ୍ଭ ହୋଇଛି । ଆଗାମୀ ଦିନରେ ଓଡ଼ିଶା ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବେ ଏବଂ ସଂଘ ନିଜ ପ୍ରତିଷ୍ଠାର ଶତବାର୍ଷିକୀ ପାଳନ କରିବ । ଉନ୍ମୋଚିତ ପୁସ୍ତକଟି ନିଶ୍ଚିତ ଭାବେ ଆମ ଓଡ଼ିଶାର ଜନମାନସରେ ସଂଘକୁ ନିକଟରୁ ଜାଣିବା ଓ ବୁଝିବା ପାଇଁ ଉପଯୋଗୀ ହେବ । 'ଆରଏସଏସ୍ ୩୬୦ସ୍ବ' ପୁସ୍ତକ ଓଡ଼ିଆ ସମାଜ ସହ ସଂଘକୁ ଯୋଡିବାରେ ସହାୟକ ହେବ । ପ୍ରାରମ୍ଭିକ ସ୍ତରରେ ଓଡ଼ିଶାରେ ମଧୁସୂଦନ ରାଓଙ୍କ ଲିଖିତ ଛବିଳ ମଧୁ ବର୍ଣ୍ଣବୋଧ ଭଳି କାମ କରିବ । ଯେତେବେଳେ ଜନସଂଘ ପ୍ରତିଷ୍ଠା ହେଲା, ଓଡ଼ିଶାରୁ ପଣ୍ଡିତ ନୀଳକଣ୍ଠ ଦାସ ଜନସଂଘର ସଦସ୍ୟ ହୋଇଥିଲେ । ଅନେକ ମହାନ ପ୍ରଚାରକଙ୍କ ତ୍ୟାଗ ଓ ତପସ୍ୟା ଯୋଗୁଁ ଓଡ଼ିଶାରେ ସଂଘର ବିଚାରଧାରା ବ୍ୟାପକ ହେବା ଖୁସିର ବିଷୟ । ସଂଘର ବିଚାର ଭାରତକୁ ଶକ୍ତିଶାଳୀ ଓ ସମୃଦ୍ଧ କରିବା ପାଇଁ ପ୍ରତିବଦ୍ଧ । ଓଡ଼ିଶା ମଧ୍ୟ ଏଥିରେ ସହଯୋଗୀ ହେବ । ସାମାଜିକ ସମରସତା, ଖ୍ରୀଷ୍ଟିଆନ ଧର୍ମରେ ଦୀକ୍ଷିତ ହୋଇ ମଧ୍ୟ ମଧୁବାବୁଙ୍କର ଓକିଲ ହୋଇ ଓଡ଼ିଆ ଅସ୍ମିତା ଓ ଜାତି ପାଇଁ ଲଢିବାର ଉଦାହରଣ ଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ ଉପାସନା ପଦ୍ଧତି ଅଲଗା ହୋଇପାରେ କିନ୍ତୁ ଆମେ ସମସ୍ତେ ହିନ୍ଦୁ । ସଂଘ ସେବାର ନୂଆ ପରିଭାଷା ତିଆରି କରିଛି । ଆରଏସଏସ ପ୍ରଗତିଶୀଳ ଚିନ୍ତାଧାରାକୁ ପ୍ରତିନିଧିତ୍ୱ କରୁଛି । ସମାଜରେ ଭାଇଚାରାକୁ ଆଗକୁ ବଢାଇବାରେ ସଂଘର ଯୋଗଦାନ ଅତୁଳନୀୟ । ସଂଘର ବିଚାରରେ ଗାଁ, ପରିବେଶ ସୁରକ୍ଷା ଏବଂ ବିଶ୍ୱ କଲ୍ୟାଣର କଥା ଅଛି। ଆଜି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ନୂଆ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରାଯାଇଛି । ମୋଦିଜୀ ଶିକ୍ଷା ନୀତିରେ ସବୁ ଭାରତୀୟ ଭାଷା ସହ ସଂଘର ବିଚାରଧାରାକୁ ନୀତିରେ ପରିବର୍ତ୍ତନ କରାଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ବିଜେପି କୋର କମିଟି ବୈଠକ

ଭୁବନେଶ୍ୱର,୩।୯(ପି.ଏନ): ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆଜି ଓଡ଼ିଶା ପ୍ରଦେଶର କୋର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନେକଗୁଡିଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୃଦ୍ଧି ପାଉଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନକୁ ଆଗାମୀ ଦିନରେ ତୀବ୍ରତର କରାଯିବ। ଏହି ଆନ୍ଦୋଳନକୁ ପଞ୍ଚାୟତ ସ୍ତରରୁ ଆରମ୍ଭ କରାଯିବ। ଏଥିସହ ସାଂଗଠନିକ ଅଭିବୃଦ୍ଧି ପାଇଁ ଚେଷ୍ଟା ଜାରି ରହିବ। ଏନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିରୁଦ୍ଧରେ ପଞ୍ଚାୟତସ୍ତରରୁ ଆନ୍ଦୋଳନ ଆରମ୍ଭ ହୋଇଛି ଅସନ୍ତୋଷର ବିସ୍ଫୋରଣ ଗାଆଁ ମାଟିରୁ ଆରମ୍ଭ ହୋଇଛି। ଏହା ରାଜ୍ୟବ୍ୟାପି ପ୍ରସାର ହେବ। ଆସନ୍ତା ୨୨ରୁ ଆରମ୍ଭ ହେବାକୁ ଥିବା ବିଧାନସଭା ଅଧିବେଶନରେ ବିଭିନ୍ନ ପ୍ରସଙ୍ଗ ନେଇ ବିଜେପି ରାଜ୍ୟ ସରକାରଙ୍କୁ ଘେରିବ ବୋଲି ସେ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ଏହି ବୈଠକରେ ଉଜ୍ୱଳା ଗ୍ୟାସ୍‌ରେ ୪୦୦ ଟଙ୍କା ସବସିଡି,ଆହୁରି ୭୫ ଲକ୍ଷ ଲୋକଙ୍କୁ ଏହି ଯୋଜନାରେ ସାମିଲ,ସୌର ଜଗତର ଅନୁଧ୍ୟାନ ପାଇଁ ସୌର ମିସନ,ଜି-୨୦ ଯେଉଁ ବୈଠକ ନେତୃତ୍ୱ ନେଇ ବିଶ୍ୱ ଦରବାରରେ ଭାରତକୁ ପରିଚିତ କରାଇ ଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଅର୍ପଣ କରାଗଲା। ସେହିପରି ଚନ୍ଦ୍ରଯାନ-୩ ଓ ଆଦିତ୍ୟ ମିସନ ପାଇଁ ଇସ୍‌ରୋ ବୈଜ୍ଞାନିକମାନଙ୍କୁ ଧନ୍ୟବାଦ ଅର୍ପଣ କରାଗଲା। 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ଦେଶବ୍ୟାପି ଜାରି ରହିଛି। ଅମୃତ ମହୋତ୍ସବକୁ ଶହେ ବର୍ଷ ପୂର୍ତ୍ତି ଅବସରରେ ଯେଉଁମାନେ ବଳିଦାନ ଦେଇଛନ୍ତି ଓ ସହିଦ ହୋଇଛନ୍ତି ସେମାନଙ୍କ ଘରକୁ ଯାଇ ମାଟି ଆଣିବା ସହ ସେମାନଙ୍କ ଗାଆଁରେ ୭୫ଟି ଲେଖା ଗଛ ଲଗାଯାଉଛି ଓ ଶପଥ ଗ୍ରହଣ କରାଯାଉଛି। ସମସ୍ତଙ୍କ ସହ ସଭା ସମିତି ଓ ଆଲୋଚନା କରାଯାଇଛି। ଅମୃତ ମହୋତ୍ସବର ୭୫ତମ ପୂରଣ ହୋଇଛି। ଏହି ଅବସରରେ,ପ୍ରତ୍ୟକ ସ୍କୁଲରେ ସ୍ମୃତି ଚିହ୍ନ ଲଗାଯିବ। ଏହି ସବୁ କାର୍ଯ୍ୟକୁ ସଠିକ ଭାବେ ତୁଲାଇ ଆଗକୁ ବଢିବା ପାଇଁ ଆମେ ସଂକଳ୍ପ ବଦ୍ଧ ହେଉଛୁ ବୋଲି ଶ୍ରୀ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ବିଶ୍ୱକର୍ମା ପୂଜା ଆସନ୍ତା ୧୭ ତାରିଖ ଦିନ ପାଳନ କରାଯିବ। ରାଜ୍ୟରେ ୨ଟି ସ୍ଥାନରେ ଏହା କରାଯିବ। ଏହି ଦିନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମ ଦିନ ପାଳନ କରାଯିବ ଓ ୧୮ରେ ସବୁ ଜାଗାରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।



## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।





## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଚ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ଗଞ୍ଜାମଜିଲ୍ଲାରେ ସାମାଜିକ ବାସନ୍ଦ ଭଳି ପ୍ରଥା ହଟୁନି !



ଗଞ୍ଜାମ,(ପି.ଏନ): ଡ଼ିଜିଟାଲ ଯୁଗରେ ମଧ୍ୟ ପ୍ରଚ଼ଳିତ ଅଛି। ଗଞ୍ଜାମଜିଲ୍ଲାରେ ସାମାଜିକ ବାସନ୍ଦ ଭଳି ପ୍ରଥା ଯାହା ଏକ ସ୍ୱାଭାବିକ ଭାବେ ଚ଼ାଲିଛି ! ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ଗ୍ରାମାଞ୍ଚଳରେ ଏବଂ ଉପାନ୍ତ ଅଞ୍ଚଳରେ କୁଳୀନ ସଂଘ ସାମାଜଦ୍ୱାରା ପ୍ରଭାବିତ ଅଞ୍ଚଳରେ ବିଭିନ୍ନ ଜାତି,କୁଳ, ସମ୍ପ୍ରଦାୟ ମାନଙ୍କରେ ବାସନ୍ଦ ପ୍ରଥା ଏବେ ବି ବହୁଳ ପ୍ରଚ଼ଳିତ ହୋଇ ଆସିଛି ! ଯାହାକି ଏହି ବାସନ୍ଦ ପ୍ରଥାକୁ ନେଇ ବହୁ ବସ୍ତି, ବାସିନ୍ଦାର ଲୋକେ ଅନେକ ନିର୍ଯାତନାର ଶିକାରରେ ସଡ଼ି ଆସୁଥିବା ଜଣାଯାଏ । ଗ୍ରାମ କୁଳ ସମାଜରେ ଆର୍ଥିକ-ଜୋରିମାନା, ପରିବାର ମିଶ୍ରଣରେ ବିଚ୍ଛେଦ ଭଳି ଦଣ୍ଡ ଭୋଗ କରିବାକୁ ପଡୁଛି । ଗୁରୁବାର ଏଭଳି ଏକ ଅଭିଯୋଗ ଆସିଛି, ସମ୍ପ୍ରତି ଗଞ୍ଜାମ ଜିଲ୍ଲାର ପୋଲସରା ସହରରୁ ଗୋଟିଏ ପରିବାରର ବାପା, ପୁଅ, ଝିଅ ତିନି ଜଣ ଅନ୍ଧ, ମାଆ ଭିନ୍ନକ୍ଷମ,ସହ ସକ୍ଷମ ବୋହୂ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଛନ୍ତି । ଏହି ପରିବାରକୁ କୁଳୀନ ସମାଜ ସଂଘ ପକ୍ଷରୁ ଦୀର୍ଘ ଆଠ ବର୍ଷ ହେଲା ବାସନ୍ଦ କରିଛନ୍ତି । ଗଞ୍ଜାମ ଏସପି ଶ୍ରୀ ଜଗମୋହନ ମୀନାଙ୍କୁ ଭେଟି ଘରର ମୁରବୀ ଅଭିମନ୍ୟୁ ସାହୁ, ପୁତ୍ର, ପରୀକ୍ଷିତ ସାହୁ ଙ୍କ ସମେତ ପରିବାର ସମୂହ ହାରି ଗୁହାରି ଜଣାଇଛନ୍ତି । ଆମକୁ ଉଚ଼ିତ ନ୍ୟାୟ ପ୍ରଦାନ କରି ସାମାଜିକ ବାସନ୍ଦରୁ ଆମକୁ ମୁକ୍ତି ଦିଆଯିବା ନିମନ୍ତେ ଅଳି କରିଥିଲେ । କୁଳୀଣ ଜାତିରେ ସାମାଜିକ ବାସନ୍ଦ ଭଳି ସମସ୍ୟାର ଶିକାର ହେଉଥିବା ବ୍ୟକ୍ତି,ପରିବାର ବହୁ ବାର ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି । ସାମାଜିକ ବାସନ୍ଦ ପ୍ରଥା ଉପରେ ପ୍ରଶାସନ କଡ଼ା-ପଦକ୍ଷେପ ନେଇ ଏହି ପ୍ରଥା କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ଜରୁରୀ ବୋଲି ମତ ପ୍ରକାଶ ପାଉଛି ॥ ଅନ୍ୟ ପକ୍ଷରେ ଗ୍ରାମ କୁଳ ସମାଜରେ ଆର୍ଥିକ-ଜୋରିମାନା, ପରିବାର ମିଶ୍ରଣରେ ବିଚ୍ଛେଦ କରିବା, ଗାଁରେ ବ୍ୟବସାୟ କରିବାରେ ବାଧକ ସୃଷ୍ଟି କରିବା, ଜମି ବିକ୍ରୀ ନକରାଇବା, ଜମିରେ ଚ଼ାଷ ବାସ ନକରିବା ଭଳି ଦଣ୍ଡ ଦେଉଥିବା କୁହାଯାଏ । ଯାହାକି ଏଭଳି ସମସ୍ୟାର ଶିକାରହେଉଥିବା ବ୍ୟକ୍ତି,ପରିବାର ପ୍ରଶାସନର ଦ୍ୱାରସ୍ଥ ହେବାରେ ମଧ୍ୟ କଷ୍ଟକର ହୋଇଛି । ସେମାନେ ପ୍ରଶାସନକୁ ଜଣାଇବା ପାଇଁ ମଧ୍ୟ ଭୟ କରୁଛନ୍ତି । ଯଦି ପ୍ରଶାସନର ଦ୍ୱାରସ୍ଥ ହେବେ ତେବେ ସେହି ପରିବାରକୁ ପୂର୍ବରୁ ତାଗିଦ-ପୂର୍ଣ୍ଣ ଅନେକ ଧମକ ଦେଉଛନ୍ତି । ଏ ଦିଗରେ ସରକାର ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ନେଇ ଏକ ଫେମିଲ ସେଫ୍ଟି କମିଟୀ ଗଠନ କରିବା ଜରୁରୀ ବୋଲି ବିଭିନ୍ନ ମହଲରେ ପ୍ରସ୍ତାବ ଆସୁଛି । ତେଣୁ ସରକାର ତଥା ଜିଲ୍ଲାପ୍ରଶାସନ ଏଦିଗରେ ତ୍ୱରାନ୍ୱିତ କଲେ ବହୁ ଅଞ୍ଚଳର ବହୁ ପରିବାର ନିରାପଦ ରହିବେ ଏବଂ ସୁଖୀ ପରିବାର ଭାବେ ଉପକୃତ ହେବେ ବୋଲି କୁହାଯାଏ ।

## ଯୁବ ରେଡକ୍ରସର ଜିଲ୍ଲା ସ୍ତରୀୟ କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ

ଫୁଲବାଣୀ :କନ୍ଧମାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଜିଲ୍ଲା ସ୍ତରୀୟ କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ସୁବାସ ଚ଼ନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲ୍ଲା ଯୁବ ରେଡକ୍ରସର ସେକ୍ରେଟାରୀ ଶ୍ରୀ ସୁକାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥି ପରିଚ଼ୟ କରିଥିଲେ । ଏହି ବୈଠକରେ ରେଡକ୍ରସର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚ଼ନା କରାଯାଇଛି। କଲେଜର ଅଧ୍ୟକ୍ଷ ବିଭିନ୍ନ କଲେଜର ରେଡକ୍ରସର କାର୍ଯ୍ୟକ୍ରମ ବିଷୟରେ ଗୁରୁତ୍ୱାରୋପ କରିବା ସହିତ ଏହାର ଉନ୍ନତି ଦିଗରେ ମନ୍ତ୍ୟ ଦେଇ ଥିଲେ ।

## ଐତିହାସିକ ସମାଜ ଆନୁକୂଲ୍ୟରେ ଖୋରଧା ରାଜ୍ୟ ପ୍ରତିଷ୍ଠାର ୪୫୫ ବର୍ଷ ପାଳିତ

ଖୋରଧା,(ପି.ଏନ): ଆଚଗାନ ସେନାପତି କଳାପାହାଡର ଆକ୍ରମଣ ପରେ ଧ୍ୱସ୍ତ ବିଧ୍ୱସ୍ତ ମେଦିନୀ ପୁରଠାରୁ ଶିକାକୁଲମ ପର୍ଯ୍ୟନ୍ତ ସମଗ୍ର ଓଡିଶା ଭୁଖଣ୍ଡ ଯେତେବେଳେ ରାଜାବିହୀନ ହୋଇ ଆର୍ତ୍ତ ଚିତ୍କାର କରୁଥିଲା, ଦୁର୍ଦ୍ଦଶ ଆଚଗାନ ସେନାର ଶଣ୍ଢୁଆସୀ ଆକ୍ରମଣରୁ ରକ୍ଷାପାଇବା ପାଇଁ ଓ ଯେତେବେଳେ ରତ୍ନସିଂହାସନରେ ଶ୍ରୀ ଜିଉମାନଙ୍କ ଅନୁପସ୍ଥିତିରେ ବନ୍ଦହୋଇ ଯାଇଥିଲା ଏଭଳି ଘଡି ସନ୍ଧି ମୁହୁର୍ତ୍ତରେ ଦକ୍ଷିଣର ଗୋଟମା ଦୂର୍ଗରେ ବନ୍ଦୀଥିବା ରମେଇ ରାଉତରାୟ ସମଗ୍ର ଓଡିଶାର ଓ ଓଡିଆ ଜାତିର ପ୍ରାଣକର୍ତ୍ତା ଭାବେ ଉଭା ହୋଇଥିଲେ, ପ୍ରତିଷ୍ଠା କରିଥିଲେ ୧୫୬୮ ମସିହା ନଭେମ୍ବର ୩ ତାରିଖରେ ଖୋରଧା ରାଜ୍ୟ। ବରୁଣାଇ ପାଦଦେଶରେ ଖୋରଧା ଦୂର୍ଗ ନିର୍ମାଣକରି ତାହା ନାମ ଦେଇଥିଲେ ଜଗନ୍ନାଥପୁର କଟକ। ସେହି ଐତିହାସିକ ଦିବସର ସ୍ମୃତିରେ ଖୋରଧା ଐତିହାସିକ ସମାଜର ସଭାପତି ପ୍ରଫେସର ଡକ୍ଟର ନାରାୟଣ ରାଓ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ଆବାହକ ଗୋପାଳକୃଷ୍ଣ ଦାସ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଐତିହାସିକ ସମାଜର ସଂପାଦକ ବୈକୁଣ୍ଠନାଥ ରାଜଗୁରୁ , ବିଶିଷ୍ଟ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସଂଗ୍ରାହକ ବିମଳଚନ୍ଦ୍ର ଷଡଙ୍ଗୀ, ବୁଦ୍ଧିଜୀବୀ ସତ୍ୟବ୍ରତ ଦାସ,ଓ ରାମନାରାୟଣ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପାଇକ ବିଦ୍ରୋହରେ ଅବହେଳିତ ଖୋରଧା ରାଜାଙ୍କ ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ଏବଂ ୧୮୦୪ରେ ଇଂରେଜ ମାନଙ୍କ ସହିତ ଯୁଦ୍ଧ ଓ୧୮୧୭ ରେ ବିଦ୍ରୋହ କରିଥିବା, ତଥା ବାରବାଟୀ ଦୂର୍ଗରେ ବନ୍ଦୀ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ଖୋରଧାର ଶେଷ ରାଜା ମୁକୁନ୍ଦ ଦେବ ଙ୍କ ପ୍ରତିମୂର୍ତ୍ତି ପଂଚପାଇକପୀଠ ଠାରେ ସ୍ଥାପନ କରି ଏହାକୁ ସପ୍ତ ମହାରଥୀ ପୀଠ ଭାବେ ନାମିତ କରିବାକୁ ସ୍ଥିର ହୋଇଥିଲକେ ଶେଷରେ ତ୍ରିକଳିଙ୍ଗ ଜର୍ଣ୍ଣାଲର ସମ୍ପାଦକ ସମ୍ବିତ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ପୁରୀରୁ ନିମାପଡା ଦେଇ ପାରାଦୀପ ଚ଼ାଲିଲା ପ୍ରଥମ ଯାତ୍ରୀ ପରିବହନ ବସ ସେବା

ନିମାପଡ଼ା,(ପି. ଏନ) ଜନସାଧାରଣ ଙ୍କ ଗମନାଗମନ ସୁବିଧା କୁ ଲକ୍ଷ ରଖି ରାଜ୍ୟସରକାର 'ମୋ ବସ ସେବା ' ଯୋଗାଇ ଦେଇଥିବାବେଳେ ଏବେ ବିଭିନ୍ନ ଜିଲ୍ଲାର ମୁଖ୍ୟ ସ୍ଥଳରୁ ରାଜ୍ୟ ପରିବହନ ନିଗମ ପକ୍ଷରୁ ବିଭିନ୍ନ ରୁଟ ରେ ଉନ୍ନତମାନର ବସ ସେବା ଯୋଗାଇ ଦେଇଥିବା ଦେଖିବାକୁ ମିଳିଛି । ସେପ୍ଟେମ୍ବର ୧ ତାରିଖ ରୁ ରାଜ୍ୟ ପରିବହନ ନିଗମ ର ଏକ ବସ ପୁରୀ ରୁ ଅପରାହ୍ନ ୪.୩୦ ରେ ବାହାରି କୋଣାର୍କ ରେ ପହଂଚ଼ି ୫.୩୦ ରେ କୋଣାର୍କ ବସ ଷ୍ଟାଣ୍ଡ ରୁ ବାହାରି ଗୋପ ଦେଇ ନିମାପଡା ରେ ପହଁଚ଼ିବ। କିଛିସମୟ ସେଠାରେ ରହିନିମାପଡା ରୁବାହାରି ଚ଼ଣ୍ଡିକ, ନିଆଳି, ଅଡଶପୁର ଦେଇ ପାରାଦ୍ୱୀପ କୁ ପ୍ରତ୍ୟେକ ଦିନ ଏକ ୪୨ ସିଟ ଥିବା ବସ ଚ଼ାଳିବ ।ପରବର୍ତ୍ତୀ ପର୍ଯ୍ୟାୟରେ ଯାତ୍ରୀ ଙ୍କୁ ନଜରରେ ରଖି ଆହୁରି ବସ ଚ଼ାଳିବ ବୋଲି ଜଣାପଡିଛି । ରାଜ୍ୟସରକାର ଙ୍କ ଯାତ୍ରୀ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ବ୍ୟବସ୍ଥା କୁ ନେଇ ନିମାପଡ଼ା, ଗୋପ,କୋଣାର୍କ, ଚ଼ଣ୍ଡିକ ଅଂଚ଼ଳର ବୁଦ୍ଧିଜୀବୀ ମାନେ ଏହାକୁ ସ୍ୱାଗତ କରିବା ସହିତ ସରକାର ଙ୍କୁ ଧନ୍ୟବାଦ ଦେଇଛନ୍ତି ।

## ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ

ନିମାପଡ଼ା,(ପି. ଏନ )କୁନି କୁନି ଶିଶୁମାନ ଙ୍କ ଠାରୁ ଆରମ୍ଭ କରି ସ୍ନାତକୋତ୍ତର ପାଠ ପଢୁଥିବା ବିଦ୍ୟାର୍ଥୀ ମାନଙ୍କ ପର୍ଯ୍ୟନ୍ତ ଶ୍ରୀମଦ୍ ଭଗବତ ଗୀତା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ସନାତନ ସଂସ୍କୃତି ତଥା ଧର୍ମ ର ପ୍ରଚ଼ାର ପ୍ରସାର କରିବା ନିମନ୍ତେ ବିଶ୍ୱ ପ୍ରସିଦ୍ଧ କ୍ରିୟା ଯୋଗୀ ତଥା ବିଶ୍ୱଶାନ୍ତି ଦୂତ ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଙ୍କ ପ୍ରେରଣା ରେ ଦୀର୍ଘ ପାଞ୍ଚ ବର୍ଷ ଧରି ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।ଚ଼ଳିତବର୍ଷ ପଞ୍ଚମ ବାର୍ଷିକ ବ୍ଲକ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା ରେ ୬୪ଜଣ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ ।ଏଥିରେ ଚ଼ାରିଟି ବର୍ଗ କରାଯାଇଥିଲା ।ଏ ବର୍ଗ ରେ ତୃତୀୟ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ,ବି ବର୍ଗ ରେ ଷଷ୍ଠ ଶ୍ରେଣୀ ଠାରୁ ନବମ ଶ୍ରେଣୀ,ସି ବର୍ଗ ରେ ନବମ ଶ୍ରେଣୀ ଠାରୁ+୨ ,ଡି ବର୍ଗ ରେ +୩ ଶ୍ରେଣୀ ର ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀ ଙ୍କୁ ଟ୍ରଫି, ସର୍ଟିଫିକେଟ, ଏବଂ ଗୀତା ପ୍ରସାଦ ପ୍ରଦାନ କରାଯାଇଥିଲା। ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ବିଦ୍ୟାର୍ଥୀ ଙ୍କୁ ଗୀତା ପ୍ରସାଦ ପୁସ୍ତକ ମଧ୍ୟ ପ୍ରଦାନ କରାଯାଇଥିଲା । ଓଡିଶା ବୈଦିକ ବ୍ରାହ୍ମଣ ପରିଷଦ ଯୁଗ୍ମ ସମ୍ପାଦକ ପଣ୍ଡିତ ଚ଼ିତ୍ତରଞ୍ଜନ ମିଶ୍ର ଏବଂ ଅଶୋକ ନାୟକ, ନିମାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଗୁରୁଜୀ ,ଗୁରୁମା ଙ୍କ ସହଯୋଗ ରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କୁମାରୀଙ୍କ ଖୁଦୁରୁକୁଣୀ ଓଷା ଆରମ୍ଭ

ନିମାପଡ଼ା,(ପି . ଏନ) ଆଜି ଭାଦ୍ରବ ମାସ ର ପ୍ରଥମ ରବିବାର ।ପାରମ୍ପରିକ ପ୍ରଥାନୁସାରେ ଗାଁ ଗାଁ ରେ କୁମାରୀ ଝିଅ ମାନେ ଆରମ୍ଭ କରିଛନ୍ତି ଖୁଦୁରୁକୁଣି ଓଷା। ପ୍ରାତଃ ରୁ ଗାଁ ପୋଖରୀ/ନଦୀ କୁ ଯାଇ ଓଷା ପାଳନ କରିଥିବା କୁମାରୀ ମାନେ ସ୍ନାନ କରି ପୋଖରୀ/ନଦୀ କୂଳ ରେବାଲୁକା ସ୍ତୁପ କରି ତହିଁ ରେ ଫୁଲ ଦେଇ ପୁଜାକରି ଘରକୁ ଫେରିଥିଲେ ।ସଂଧ୍ୟା ରେ ସମସ୍ତେ କୋଠ ଘରେ ଅଥବା ଗ୍ରାମ ଦେବତୀ ଙ୍କ ପୀଠ ଠାରେ ଏକତ୍ରିତ ହୋଇ ଖୁଦୁରୁକୁଣିଙ୍କ ପୂଜା କରିଥିଲେ। ଏକ ସୁ ସଜ୍ଜିତ ପେଣ୍ଡାଲ ରେ ଖୁଦୁରୁକୁଣି ଙ୍କ ମୂର୍ତ୍ତି ରଖି ତାଙ୍କୁ ଫୁଲ ରେ ସଜାଇ ଥିଲେ। ତାଙ୍କ ନିକଟରେ ଫଳ ମୂଳ ଖୁଦ ଭଜା ଭୋଗ ଲାଗି କରିବା ସହିତ ସମସ୍ତେ ଏକତ୍ର ବନ୍ଦାପନା କରିଥିଲେ। ଏହାପରେ ଖୁଦୁରୁକୁଣି ଓଷା ବହି ପାଠ କରାଯାଇଥିଲା ।ଏହା ପ୍ରକୃତରେ ମା ମଙ୍ଗଳା ଙ୍କ ପୂଜା। ଅତୀତ ରେ ସାଧବ ଘର କାହାଣୀ କୁ ନେଇ ଏହି ପୂଜା ଆରମ୍ଭ ହୋଇଥିବା ଗବେଷକ ମାନେ କୁହନ୍ତି। ନିଜ ଭାଇ ମାନଙ୍କ ମଙ୍ଗଳ କାମନା କରି ଭଉଣୀ ମାନେ କାହିଁ କେତେ କାଳରୁ ଏହି ପାରମ୍ପରିକ ପୂଜା କରିଆସୁଛନ୍ତି। ଏହି ପୂଜା ଭାଦ୍ରବ ମାସ ର ୫ ଟି ରବିବାର କରିବା ପରେ ଶେଷ ରବିବାର ଉଦଯାପନ ହେବ। ଖୁଦୁରୁକୁଣି ପୂଜା ପାଇଁ ପ୍ରାଚ଼ୀ ଉପତ୍ୟକା ର ସମସ୍ତ ଗାଁ ଉତ୍ସବ ମୁଖର ହୋଇଉଠିଛି।

## କଳସ ଶୋଭାଯାତ୍ରା ସହିତ ଶ୍ରୀ ଶ୍ରୀ ଶନିଶ୍ଚର ଶିଳା ପ୍ରତିଷ୍ଠା ଓ ଶନିଶ୍ଚର ଜନ୍ମ ମହୋତ୍ସବ ଆରମ୍ଭ



ବରଗଡ ଭଟଲି (ପି.ଏନ): ଭଟଲି କୁସନପୁରୀ ସୀମାନ୍ତ ବିଜୟା ଛକ ସ୍ଥିତ ଶନିଶ୍ଚର ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶନିଶ୍ଚର ଶିଳା ପ୍ରତିଷ୍ଠା ଓ ଶନିଶ୍ଚର ଜନ୍ମ ମହୋତ୍ସବ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଏକ ବର୍ଣ୍ଣାଢ଼୍ୟ କଳସ ଶୋଭାଯାତ୍ରା ଘଣ୍ଟ, ଶଙ୍ଖ, ସଙ୍କୀର୍ତ୍ତନ୍ୟ, ହରି ବୋଲ, ହୁଳହୁଳି ସହିତ ପଶ୍ଚିମ ଓଡ଼ିଶା ଶ୍ରୀକ୍ଷେତ୍ର ଦଧିବାମନ ମନ୍ଦିରକୁ ଯାଇ ମଙ୍ଗଳ ଆରତୀ ଓ ପୂଜାର୍ଚ୍ଚନା ପରେ ପବିତ୍ର ଚ଼କ୍ର ପୁଷ୍କରିଣୀରେ ପହଞ୍ଚିଥିଲା। କଳସ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ କଳସଧରି ନଗର ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଆଜି ଶାସ୍ତ୍ରୀୟ ପୂଜାବିଧି ବିଧାନ ଅନୁଯାଇ ମଣ୍ଡଳୀ କରଣ, ଅଙ୍କୁରାରୋପଣ ଏବଂ ଶ୍ରୀ ଶନିଶ୍ଚର ଶିଳାଙ୍କ ଧାନ୍ୟାଧିବାସ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବରେ ବଳରାମ ସାହୁ ଏବଂ ପତ୍ନୀ ତପସ୍ୱିନୀ ସାହୁ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। କଳସ ଶୋଭାଯାତ୍ରାରେ ଜିଲ୍ଲା ପରିଷଦ ସଭ୍ୟ ଈଶ୍ୱର ଚ଼ନ୍ଦ୍ର ସାହୁ, ପରମାନନ୍ଦ ବଂଶଜ ଗୌନ୍ତିଆ ସରୋଜ ସାହୁ, ଦଧିବାମନ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ନାରାୟଣ ସାହୁ, ଚ଼ତୁର୍ଭୁଜ ସାହୁ, ମାଧବ ପ୍ରସାଦ ସାହୁ, ବିଜେପି ରାଜ୍ୟ ସମ୍ପାଦକ ଇରାଶିସ୍ ଆଚ଼ାର୍ଯ୍ୟ, ଜିଲ୍ଲା ଉପ ସଭାପତି ସୁଶାନ୍ତ ମିଶ୍ର, ଭଟଲି ବ୍ଲକ କଂଗ୍ରେସ ପ୍ରତିନିଧି ସରୋଜ କୁମାର ମହାପାତ୍ର, କେଶବ ପଟେଲ, ସମାଜସେବୀ ସିନ୍ଧୁନନ୍ଦିନୀ ଆଚ଼ାର୍ଯ୍ୟ ଏବଂ ମିନାକ୍ଷୀ ସାହୁ ଯୋଗ ଦେଇଥିଲେ। ଶ୍ରୀ ଶ୍ରୀ ଶନିଶ୍ଚର ପୂଜା କମିଟି ଆନୁକଲ୍ୟରେ ଆୟୋଜିତ ଏହି ସପ୍ତଦିନାତ୍ମକ କାର୍ଯ୍ୟକ୍ରମରେ ପତ୍ୟହ ବିଭିନ୍ନ ଗ୍ରାମର ସଙ୍କୀର୍ତ୍ତନ ଦଳ ମାନେ ଆଧାତ୍ମିକ ଭକ୍ତି ରସାତ୍ମକ କାର୍ଯକ୍ରମ ପରିବେଷଣ କରିବେ। ଆସନ୍ତା ବୁଧବାର ଦିନ ଶ୍ରୀ ଶ୍ରୀ ଶନିଶ୍ଚର ଶିଳା ସ୍ଥାପନ ସହିତ ଶନିବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ସମସ୍ତ ପୂଜାକାର୍ଯ୍ୟ ରୁପେଶ୍ୱର ମହାପାତ୍ର, ପଞ୍ଚମ ପୁରୋହିତ ଏବଂ ରାଜୀବ ପୁରୋହିତ ତୁଲାଇଥିଲେ।

## କୁମାରୀଙ୍କ ଖୁଦୁରୁକୁଣୀ ଓଷା ଆରମ୍ଭ

ନିମାପଡ଼ା,(ପି . ଏନ) ଆଜି ଭାଦ୍ରବ ମାସ ର ପ୍ରଥମ ରବିବାର ।ପାରମ୍ପରିକ ପ୍ରଥାନୁସାରେ ଗାଁ ଗାଁ ରେ କୁମାରୀ ଝିଅ ମାନେ ଆରମ୍ଭ କରିଛନ୍ତି ଖୁଦୁରୁକୁଣି ଓଷା। ପ୍ରାତଃ ରୁ ଗାଁ ପୋଖରୀ/ନଦୀ କୁ ଯାଇ ଓଷା ପାଳନ କରିଥିବା କୁମାରୀ ମାନେ ସ୍ନାନ କରି ପୋଖରୀ/ନଦୀ କୂଳ ରେ ବାଲୁକା ସ୍ତୁପ କରି ତହିଁ ରେ ଫୁଲ ଦେଇ ପୁଜାକରି ଘରକୁ ଫେରିଥିଲେ ।ସଂଧ୍ୟା ରେ ସମସ୍ତେ କୋଠ ଘରେ ଅଥବା ଗ୍ରାମ ଦେବତୀ ଙ୍କ ପୀଠ ଠାରେ ଏକତ୍ରିତ ହୋଇ ଖୁଦୁରୁକୁଣିଙ୍କ ପୂଜା କରିଥିଲେ। ଏକ ସୁ ସଜ୍ଜିତ ପେଣ୍ଡାଲ ରେ ଖୁଦୁରୁକୁଣି ଙ୍କ ମୂର୍ତ୍ତି ରଖି ତାଙ୍କୁ ଫୁଲ ରେ ସଜାଇ ଥିଲେ। ତାଙ୍କ ନିକଟରେ ଫଳ ମୂଳ ଖୁଦ ଭଜା ଭୋଗ ଲାଗି କରିବା ସହିତ ସମସ୍ତେ ଏକତ୍ର ବନ୍ଦାପନା କରିଥିଲେ। ଏହାପରେ ଖୁଦୁରୁକୁଣି ଓଷା ବହି ପାଠ କରାଯାଇଥିଲା ।ଏହା ପ୍ରକୃତରେ ମା ମଙ୍ଗଳା ଙ୍କ ପୂଜା। ଅତୀତ ରେ ସାଧବ ଘର କାହାଣୀ କୁ ନେଇ ଏହି ପୂଜା ଆରମ୍ଭ ହୋଇଥିବା ଗବେଷକ ମାନେ କୁହନ୍ତି। ନିଜ ଭାଇ ମାନଙ୍କ ମଙ୍ଗଳ କାମନା କରି ଭଉଣୀ ମାନେ କାହିଁ କେତେ କାଳରୁ ଏହି ପାରମ୍ପରିକ ପୂଜା କରିଆସୁଛନ୍ତି। ଏହି ପୂଜା ଭାଦ୍ରବ ମାସ ର ୫ ଟି ରବିବାର କରିବା ପରେ ଶେଷ ରବିବାର ଉଦଯାପନ ହେବ। ଖୁଦୁରୁକୁଣି ପୂଜା ପାଇଁ ପ୍ରାଚ଼ୀ ଉପତ୍ୟକା ର ସମସ୍ତ ଗାଁ ଉତ୍ସବ ମୁଖର ହୋଇଉଠିଛି।



ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Monday September 4, 2023 ଭୁବନେଶ୍ୱର ସୋମବାର, ସେପ୍ଟେମ୍ବର ୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ : ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ କିସ୍ ଛାତ୍ରଛାତ୍ରୀ




ଭୁବନେଶ୍ୱର,(ପି.ଏନ): ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟର ବିଭିନ୍ନ କ୍ରୀଡ଼ାରେ ସଫଳତା ହାସଲ କରିଥିବା ୩୮୮ କ୍ରୀଡ଼ାବିତ୍‌ଙ୍କୁ ଓଡ଼ିଶା ସରକାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ କ୍ରୀଡ଼ାରେ ସଫଳତା ଲାଭ କରିଥିବା କିସ୍‌ର ୫୫ ଛାତ୍ରଛାତ୍ରୀ ଚଳିତବର୍ଷ କ୍ରୀଡ଼ା ପ୍ରୋତ୍ସାହନ ପାଇଛନ୍ତି। ସେଥି ମଧ୍ୟରୁ କେବଳ ରଗ୍‌ବୀରେ ସର୍ବାଧିକ ୪୧ ଜଣ କ୍ରୀଡ଼ାବିତ୍ ରହିଛନ୍ତି। ଏଥିପାଇଁ ରବିବାର କିସ୍ ଛାତ୍ରଛାତ୍ରୀମାନେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କୃତି କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କହିଲେ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ସର୍ବଦା ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି। ଏଥିପାଇଁ ଆଜି ଓଡ଼ିଶାରୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ବହୁ କ୍ରୀଡ଼ାବିତ୍ ସୃଷ୍ଟି ହୋଇପାରିଛନ୍ତି। କିଟ୍ ଓ କିସ୍‌ର ବହୁ ଛାତ୍ରଛାତ୍ରୀ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାକୁ ଗୌରବ ଆଣିଦେଇଛନ୍ତି। କିସ୍‌ର କ୍ରୀଡ଼ାବିତ୍‌ମାନଙ୍କୁ ମୁଖ୍ୟମନ୍ତ୍ରୀ ସର୍ବଦା ଉତ୍ସାହିତ କରି ଆସୁଥିବାରୁ ଆମେ କିଟ୍ ଓ କିସ୍ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଉଛୁ। କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସର୍ବାଧିକ ଅର୍ଥ ରାଶି ପ୍ରଦାନ କରିବାରେ ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ ବୋଲି ଶ୍ରୀ ସାମନ୍ତ କହିଥିଲେ। ନିଷ୍ଠା ଓ ଏକାଗ୍ରତାର ସହ କ୍ରୀଡ଼ା ଜାରି ରଖି ଆଗକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ଆଣିବା ଲାଗି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

# ବୌଦ୍ଧ ଜିଲ୍ଲା କଂଗ୍ରେସର ଜନଜାଗରଣ ସଭା



ଭୁବନେଶ୍ୱର,(ପି.ଏନ): ଆଜି ଏଆଇସିସିର ଓଡ଼ିଶା ପ୍ରଭାରୀ ତଥା ସାଂସଦ ଡା. ଚେଲ୍ଲା କୁମାର, ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏବଂ ପ୍ରଦେଶ କଂଗ୍ରେସର ନେତୃବର୍ଗ ବୌଦ୍ଧ ଜିଲ୍ଲାର ଚାରିଛକ ଠାରୁ ଏକ ବିଶାଳ ମୋଟରସାଇକେଲ ରାଲିରେ ବୁଟୁପାଲ୍ଲି ପର୍ଯ୍ୟନ୍ତ ଆସିଥିଲେ। ବୁଟୁପାଲ୍ଲି ଠାରୁ ତୁଳସୀ ମଣ୍ଡପ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ। ତୁଳସୀ ମଣ୍ଡପଠାରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜନଜାଗରଣ ସଭାରେ ଉଦ୍‌ବୋଧନ ଦେଇ ଡା. ଚେଲା କୁମାର କହିଥିଲେ ଯେ ଓଡ଼ିଶାର ଶାସନ ବ୍ୟବସ୍ଥାକୁ ଏବେ ଜଣେ ସଚିବ ନିୟନ୍ତ୍ରଣ କରୁଛନ୍ତି। ମାତ୍ର ଲୋକେ ନବୀନ ପଟ୍ଟନାୟକଙ୍କ ଭୋଟ ଦେଇଥିଲେ। ବିଧାୟକ ଓ ମନ୍ତ୍ରୀମାନଙ୍କୁ ନିଜ ଅଂଚଳର ସମସ୍ୟାର ସମାଧାନ କରିବାର ଅଧିକାର ଦିଆଯାଉ ନାହିଁ। ନିର୍ବାଚିତ ପ୍ରତିନିଧିଙ୍କ ସାମ୍ବିଧାନିକ କ୍ଷମତାକୁ ୫-ଟି ସଚିବ ପାଣ୍ଡିଆନ ଛଡ଼ାଇ ନେଇଛନ୍ତି। ଓଡ଼ିଶା ଶାସନର ଭାର ପାଣ୍ଡିଆନଙ୍କ ଉପରେ ଦେଇ ମୁଖ୍ୟମନ୍ତ୍ରୀ ନିଦକ ବସିଛନ୍ତି। ଓଡ଼ିଶାର ଲୋକଙ୍କର ଅର୍ଥରେ ପାଣ୍ଡିଆନ ଅୟେସ କରୁଛନ୍ତି। ତାଙ୍କର ହେଲିପେକ୍ଟର ଖର୍ଚ୍ଚ ଏବେ ୫୦୦ କୋଟିରେ ପଂହଚିଛି। ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ମାସକୁ ୨୦୦ କୋଟି ହିସାବରେ ବର୍ଷକୁ ୨୪୦୦ କୋଟି ଟଙ୍କା ଖର୍ଚ୍ଚ କରୁଥିବାର ହିସାବ ଦେଉଛନ୍ତି। ଏହି ଯୋଜନାର ଅର୍ଥକୁ ପ୍ରାଇଭେଟ ହସପିଟାଲମାନେ ଲୁଟି ନେଉଛନ୍ତି ବୋଲି ଡା. ଚେଲ୍ଲା କୁମାର ଅଭିଯୋଗ କରିଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ ତଥ୍ୟ ଅନୁଯାୟୀ ସରକାରୀ ଡାକ୍ତରଖାନାରେ ୪୫ ପ୍ରତିଶତ ଡାକ୍ତର ନାହାନ୍ତି। ଭିତିଭୂମି ଘୋର ଅଭାବ ଏଣୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନବୀନ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଡା. ଚେଲା କୁମାର କହିଥିଲେ। ଡା. ଚେଲା କୁମାର ଫୁଲବାଣୀରୁ ଆସୁଥିବା ବାଟରେ ଚାରିଛକ ଠାରେ ରୁଣ୍ଡ ହୋଇଥିବା ମହିଳାମାନଙ୍କ ସହିତ କଥାବାର୍ତା କରି ଜାଣିଲେ ଯେ ସେମାନଙ୍କୁ ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ କାମ ଯୋଗାଇ ଦିଆଯାଉ ନାହିଁ। ଏହି କଥା ଉକ୍ତ ସଭାରେ ସେ ଅବତାରଣା କରିଥିଲେ ଏବଂ ଓଡ଼ିଶାରେ ସୋନିଆ ଗାନ୍ଧୀ ଏବଂ ମନମୋହନ ସିଂହଙ୍କ ଦ୍ୱାରା ପ୍ରଣୀତ ନରେଗା ଯୋଜନାର ଅର୍ଥ ବାଟବାରଣା ହୋଇଯାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଗ୍ରାମାଂଚଳରେ ଗରିବ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବାପାଇଁ ସୋନିଆ ଗାନ୍ଧୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ସାକାର କରିବାପାଇଁ ମହାତ୍ମା ଗାନ୍ଧୀ ନରେଗା ଯୋଜନା ହିଁ ଉଦ୍ଦିଷ୍ଟ ଥିଲା। ଓଡ଼ିଶାରେ ନରେଗା କାମ ମଣିଷ ଦ୍ୱାରା କରାଯିବା ବଦଳରେ ନବୀନ ସରକାର ମେସିନ ମାଧ୍ୟମରେ କରାଉଛନ୍ତି। ବୌଦ୍ଧ ଜିଲ୍ଲାରେ ପାଖାପାଖି ୧୦୦ କୋଟି ଟଙ୍କାର ମହାତ୍ମା ଗାନ୍ଧୀ ନରେଗା ଯୋଜନାର ଅର୍ଥ ବାଟମାରଣା ହୋଇଛି ବୋଲି ଅଭିଯୋଗ ହେଉଛି। ଗ୍ରାମାଂଚଳରେ ମହିଳାମାନେ ଏହି ଯୋଜନାରେ ଉପକୃତ ହେବାର ବ୍ୟବସ୍ଥା ରହିଛି। ମାତ୍ର ଏହାକୁ ନବୀନ ସରକାର କରାଇ ଦେଉନାହାନ୍ତି। ମିଶନଶକ୍ତି ଯୋଜନାକୁ ପ୍ରଥମେ ସୋନିଆ ଗାନ୍ଧୀ ପ୍ରସ୍ତୁତ କରିଥିଲେ ବୋଲି ସେ କହିଥିଲେ। ୨୪ ବର୍ଷର ନବୀନ ସରକାରର ପୂର୍ବରୁ ଓଡ଼ିଶାର ଅବସ୍ଥା ଯାହାଥିଲା ଆଜି ତାହା ହିଁ ରହିଛି। ନବୀନ ସରକାର କିଛି ବି ବିକାଶ କରିନାହାନ୍ତି। କ୍ଷମତାକୁ ଆସିବାପୂର୍ବରୁ ନରେନ୍ଦ୍ର ମୋଦି ମହଙ୍ଗା ନିୟନ୍ତ୍ରଣ କରିବାପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପ୍ରତାରଣାରେ ପରିଣତ ହୋଇଛି। ୨୦୧୪ ମସିହା ପୂର୍ବରୁ ରନ୍ଧନ ଗ୍ୟାସ ଟାଙ୍କି ପିଛା ୪୧୪ ଟଙ୍କା ଥିଲା ବେଳେ ତାହା ଆଜି ୧୨୦୦ ଟଙ୍କାରେ ପଂହଚିଛି ଏ ହେଉଛି ମୋଦି ମାର୍କା ବିକାଶ। ଗ୍ୟାସ ଟାଙ୍କି ପିଛା ୮୦୦ ଟଙ୍କା ବଢ଼ାଇ ନିର୍ବଚନ ପୂର୍ବରୁ ୨୦୦ ଟଙ୍କା କମାଇ ଦେବା ଏକ ଛଳନାତ୍ମକ କାର୍ଯ୍ୟ ବୋଲି ଡା. ଚେଲାକୁମାର ମୋଦି ସରକାରଙ୍କୁ ତିରସ୍କାର କରିଥିଲେ। ମୋଦି ସରକାର ସାଧାରଣ ଜନତାଙ୍କ ପକେଟରୁ ଦିନ ଦ୍ୱିପ୍ରହରେ କଷ୍ଟ ଅର୍ଜିତ ସମସ୍ତ ଟଙ୍କା ଲୁଟ କରିନେଉଛନ୍ତି। ନବୀନ ସରକାର ୨୩ ବର୍ଷରେ ଚାଷୀଙ୍କ ସମସ୍ୟା ପ୍ରତି ଉଦାସୀନ ରହିଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ଛତିଶଗଡ଼ ସରକାରଙ୍କ ପରି ଧାନ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧ କରିବେ ବୋଲି ଡା. ଚେଲ୍ଲା କୁମାର ଘୋଷଣା କରିଥିଲେ। ନବୀନ ସରକାର ଓ ମୋଦି ସରକାରଙ୍କ ବିଫଳତା ଓ ଦୁର୍ନୀତିର କଥା ଘରେ ଘରେ ପଂହଚାଇ ସାଧାରଣଙ୍କ ଜନତାଙ୍କୁ ଜାଗ୍ରତ କରିବା ପାଇଁ ଡା. ଚେଲାକୁମାର କଂଗ୍ରେସ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଥିଲେ ଯେ, ମୋଦି ଓ ନବୀନ ସରକାର ସାଧାରଣ ନିର୍ବାଚନ ସମୟରେ ସମସ୍ତ ପ୍ରତିଶ୍ରୁତି ଅପୂର୍ଣ୍ଣ ରହିଛି। ଯୁବକଯୁବତୀ ମାନଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ଏହି ଦୁଇ ସରକାର ଭୋଟ ଲୁଟିନେଲେ।

# ମସ୍ୟିଡିଆ ନଦୀରେ ବୁଡି ଯାଇ ନାବାଳିକା ନିଖୋଜ

ପାରାଦୀପ.(ପି.ଏନ): ଖୁଦୁରୁକୁଣୀ ଓଷା ପାଇଁ ବାଲୁକା ପୂଜା ହେଲା କାଳ, ମସ୍ୟିଡିଆ ନଦୀରେ ୧୪ ବର୍ଷର ନାବାଳିକା ଝିଅ ଭାସି ଯାଇଥିବା ସୂଚନା ମିଳିଛି । ସୁଚନା ଅନୁଯାଇ ପାରାଦୀପ ସବକ୍ଷେସନ ମୁଣ୍ଡାପଡାର ମହିଳା ଓ ପିଲାମାନେ ଖୁଦୁରୁକୁଣୀ ଓଷା ପାଇଁ ଶନିବାର ଠାରୁ ମୂର୍ତ୍ତି ଆଣିବା, ଫୁଲ ତୋଳିବା କାର୍ଯ୍ୟ ସାରିବା ପରେ ରବିବାର ସକାଳୁ ମସ୍ୟିଡିଆ ନଦୀକୁ ବାଲୁକା ପୂଜା ପାଇଁ ଯିବା ସହିତ ନଦୀରେ ସ୍ନାନ କରୁଥିବା ସମୟରେ ଆରତୀ ମଲ୍ଲିକ ନାମକ ୧୪ ବର୍ଷର ନବମ ଶ୍ରେଣୀରେ ପଢୁଥିବା ଝିଅଟି ନଦୀର ପ୍ରଖର ;ସ୍ରୋତରେ ଭାସି ଯାଇଥିଲା । ଖବର ପାଇବା ପରେ ସ୍ଥାନୀୟ ବସ୍ତି ବାସିନ୍ଦା ଘଟଣା ସ୍ଥଳରେ ପହଞ୍ଚି ପିଲାଟିକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ନଦୀର ପ୍ରଖର ସ୍ରୋତରେ ଉଦ୍ଧାର କରିବା କଷ୍ଟକର ହୋଇ ପଡିଥିଲା । ଆଦର୍ଶ ଥାନା ପୋଲିସ ପହଞ୍ଚିବା ସହିତ ସିଆଇଏସଏଫ ଜବାନ, ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଆଠ ଘଣ୍ଟାରୁ ଅଧିକ ସମୟ ବିତି ଯାଇଥିଲେ ମଧ ଝିଅଟିର ପତ୍ତା ମିଳିପାରି ନାହିଁ । ତେବେ ଏଭଳି ଦୁଃଖଦ ଘଟଣାରେ ସମଗ୍ର ପାରାଦୀପ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ପରିବେଶବିତ ଅମରେଶ ସାମନ୍ତ ପାରାଦୀପ ପୌରପାଳିକାର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ

ପାରାଦୀପ,(ପି.ଏନ): ଚର୍ଚ୍ଚିତ ତଥା ବିଶିଷ୍ଟ ପରିବେଶବିତ ଇଂ. ଅମରେଶ ନରେଶ ସାମନ୍ତଙ୍କୁ ପାରାଦୀପ ପୌରପାଳିକାର ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସଚେତନତା ନିମିତ୍ତ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି ମିଳିଛି । ଗତ ଅଗଷ୍ଟ ୩୧ ତାରିଖ ଜୟଦେବ ସଦନ ଠାରେ ସ୍ୱାୟତ ଶାସନ ଦିବସ ପାଳନ ପରିପ୍ରେକ୍ଷୀରେ ଶ୍ରୀ ସାମନ୍ତଙ୍କୁ ସମ୍ମାନୀତ କରାଯିବା ସହ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ତାଙ୍କୁ ପାରାଦୀପ ପୌରପାଳିକାର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତିର ଘୋଷଣା କରିଥିଲେ । ସୂଚନା ଥାଉକି, ପାରାଦୀପ ବନ୍ଦରରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ସାମନ୍ତ ଅବିବାହିତ ରହି ପରିବେଶ ସୁରକ୍ଷା ପାଇଁ ନିଜକୁ ଉତ୍ସର୍ଗୀକୃତ କରି ବ୍ୟାପକ ବୃକ୍ଷ ରୋପଣ ଓ ଜଙ୍ଗଲ ସୃଷ୍ଟି କରି ଭାରତର ପ୍ରଧାନମନ୍ତ୍ରୀ, ଓଡିଶାର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ପ୍ରମୁଖଙ୍କ ଦ୍ୱାରା ପ୍ରଶଂସିତ ଓ ସମ୍ମାନୀତ ହୋଇଛନ୍ତି । ତାଙ୍କର ଏହି ନିରବଚ୍ଛିନ କାର୍ଯ୍ୟ ଓ ପ୍ରୟାସ ପାଇଁ ସେ ସରକାରଙ୍କ ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର ପରି ଅନେକ ସମ୍ମାନରେ ସମ୍ମାନୀତ ହୋଇଛନ୍ତି ।

# ପ୍ରଜାପତି ବ୍ରହ୍ମକୁମାରୀ ଅନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ ସ୍ନେହ ମିଳନ କାର୍ଯ୍ୟକ୍ରମ



ପାରାଦୀପ,(ପି.ଏନ): ପାରାଦୀପର ମଧୁବନ ସ୍ଥିତ ଆଧାତ୍ମିକ ଅନୁଷ୍ଠାନ ପ୍ରଜାପତି ବ୍ରହ୍ମକୁମାରୀ ସେବାକେନ୍ଦ୍ର ପରିସରରେ ରବିବାର ଦିନ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ନିମନ୍ତ୍ରଣ କରାଯାଇ ରକ୍ଷାବନ୍ଧନ ଓ ସ୍ନେହ ମିଳନ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି । ସେବାକେନ୍ଦ୍ରର ପରିଚାଳିକା ଭଗ୍ନୀ ବି.କେ.ସୁମନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏରସମା କଲେଜର ଇଂରାଜୀ ଅଧାପକ କାହ୍ନୁ ଚରଣ ନାୟକ ମୁଖ୍ୟ ଅତିଥି ଓ ବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଗଣମାଧମ ପ୍ରତିନିଧି ମାନଙ୍କୁ କ୍ରୋଧ ନିୟନ୍ତ୍ରଣ କରି ନିଜ ମନକୁ ସ୍ଥିର କରି ସକାରାତ୍ମକ ଖବର ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ଅନୁଷ୍ଠାନର ଭଉଣୀ ମାନେ ପୂଜା ସହ ରାକ୍ଷୀ ବାନ୍ଧିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପର ବହୁ ସାମ୍ବାଦିକ ଓ ମହିଳା ମନେ ଉପସ୍ଥିତ ଥିଲେ ।

# ଅଗଷ୍ଟ ୩୧ରେ ବୋର୍ଡ ବୈଠକର ଆୟୋଜନ କରିବ ବିକାଶ ଲାଇଫ୍‌କେୟାର

ଭୁବନେଶ୍ୱର,(ପି.ଏନ) : ପଲିମର, ରବର୍ କମ୍ପାଉଣ୍ଡ୍ ଏବଂ ପ୍ଲାଷ୍ଟିକ୍, ସିନ୍ଥେଟିକ୍ ଓ ନାଚୁରାଲ ରବର୍ ପାଇଁ ଆଡିଟିଭ୍ସ ଆଦିର ଉତ୍ପାଦନ ଓ ଓ କାରବାର କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ବିକାଶ ଲାଇଫ୍‌କେୟାର ଲିମିଟେଡ୍ ପକ୍ଷରୁ ଘୋଷଣା କରାଯାଇଛି ଯେ, କମ୍ପାନୀ ଆସନ୍ତା ଅଗଷ୍ଟ ୩୧ ତାରିଖରେ ଏହାର ବୋର୍ଡ ବୈଠକର ଆୟୋଜନ କରିବ। ଏହି ବୈଠକରେ କମ୍ପାନୀର ପ୍ରମୋଟର୍ ବିକାଶ ଗର୍ଗଙ୍କୁ ପସନ୍ଦ ଆଧାରରେ ସିକ୍ୟୁରିଟି ଓ କନ୍‌ଭର୍ଟିବୁଲ ଇନ୍‌ଷ୍ଟ୍ରୁମେଂଟ୍ ଜାରି କରାଯିବ। ନିକଟରେ ବିକାଶ ଲାଇଫ୍‌କେୟାର ଲିଃ ପ୍ରଡକ୍ଟ ପୋର୍ଟପୋଲିଓର ବିସ୍ତାର ଏବଂ ଭବିଷ୍ୟତକୈନ୍ଦ୍ରିକ ଓ ସ୍ୱତନ୍ତ୍ର ଉତ୍ପାଦ ଶୃଙ୍ଖଳା, ନୂଆ ବ୍ୟବସାୟଗୁଡିକ ସହ ବହୁମୁଖୀକରଣ ଉଦ୍ଦେଶ୍ୟ ସହିତ ଆଗକୁ ବଢିଥିବା ସମ୍ପର୍କରେ ଘୋଷଣା କରିଥିଲା। ଏଥିସହିତ କମ୍ପାନୀ ଏହାର ବିଦ୍ୟମାନ କାରବାର ଶୃଙ୍ଖଳାକୁ ପରିପୂର୍ଣ୍ଣ କରୁଛି। ଏହା ନିଜର ବିଦ୍ୟମାନ ପ୍ରମୋଟର ଓ ସେୟାରହୋଲ୍ଡରଙ୍କଠାରୁ ମୋଟ ୧୨୫ ମିଲିୟନ ଟଙ୍କାର ଏକ ନଗଦ ଚୁକ୍ତିରେ ଏମ୍‌ଏସ୍‌ଆର୍ ଆପାରେଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ୯୮% ଇକ୍ୱିଟି ଅଧିଗ୍ରହଣ କରିଛି। ଏହି ଅଧିଗ୍ରହଣ ମାଧ୍ୟମରେ କମ୍ପାନୀ ଟେକ୍ସଟାଇଲ୍, ଗାରମେଂଟ୍ ଓ କ୍ଲୋଥିଙ୍ଗ୍ ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରିଛି। ବିକାଶ ଲାଇଫ୍‌କେୟାର ଲିମିଟେଡ୍ (ଭିଭିଏଲ) ହେଉଛି ଏକ ଆଇଏସ୍‌ଓ ୯୦୦୧:୨୦୧୫ ସାର୍ଟିଫାଏଡ୍ କମ୍ପାନୀ ଯାହା ପଲିମର୍, ରବର କମ୍ପାଉଣ୍ଡ, ପ୍ଲାଷ୍ଟିକ୍, ସିନ୍ଥେଟିକ୍ ଓ ନାଚୁରାଲ ରବର୍‌ର ଆଡିଟିଭ୍ ଆଦିର ଉତ୍ପାଦନ ଓ କାରବାରରେ ନିୟୋଜିତ ରହିଛି। ଭିଏଲ୍‌ଏଲ୍, ଓଏନ୍‌ଜିସି ପେଟ୍ରୋ ଆଡିସନ୍ସ ଲିମିଟେଡ୍‌ର ଏକ ଡେଲ୍-କ୍ରେଡେରେ ଏଜେଂଟ୍ ଅଟେ। ଦୀର୍ଘାବଧି ବ୍ୟବସାୟ ରଣନୀତି ଭାବେ କମ୍ପାନୀ ନିକଟରେ କଂଚାମାଲ(ବି୨ବି ବ୍ୟବସାୟ) ବାହାରେ ଏହାର ବ୍ୟବସାୟ ଆଗ୍ରହକୁ ବହୁମୁଖୀ କରିଛି ଏବଂ ଏଫ୍‌ଏମ୍‌ସିଜି, ଆଗ୍ରୋ ଓ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରଡକ୍ଟ ସମେତ ଏକାଧିକ କ୍ୟୁମର ପ୍ରଡକ୍ଟ ସହ ବି୨ସି ସେଗମେଂଟ୍‌ରେ ପ୍ରବେଶ କରିଛି। ସେହିପରି ଭିଏଲ୍‌ଏଲ୍‌ର ସହାୟକ କମ୍ପାନୀ ଏମ୍/ଏସ୍ ଜେନେସିସ୍ ଗ୍ୟାସ୍ ସଲ୍ୟୁଶନ୍ସ ପ୍ରା.ଲିଃ ସ୍ମାର୍ଟ ଗ୍ୟାସ୍ ମିଟର୍ ବ୍ୟବସାୟରେ ନିୟୋଜିତ ରହିଛି ଯାହା ସମସ୍ତ ପ୍ରମୁଖ ଗ୍ୟାସ୍ ଡିଷ୍ଟ୍ରିବ୍ୟୁଶନ କମ୍ପାନୀଗୁଡିକୁ ଯୋଗାଣ କରୁଛି। ବିକାଶ ଲାଇଫ୍‌ର ସିକ୍ୟୁରିଟିଗୁଡିକ ଉଭୟ ଷ୍ଟକ୍ ଏକ୍ସଚେ, ବିଏସ୍‌ଇ ଓ ଏନ୍‌ଏସ୍‌ଇରେ ତାଲିକାଭୁକ୍ତ ରହିଛି।

# ଇସ୍କନ ଆଣିଲା ବିଶ୍ୱର ପ୍ରଥମ ସମନ୍ୱିତ ଇ-ଲାଇବ୍ରେରୀ ଆପ ଟ୍ରାନସେଣ୍ଡ




ଭୁବନେଶ୍ୱର,(ପି.ଏନ):ଅଭିବୃଦ୍ଧି ଏବଂ ଅଧ୍ୟାତ୍ମିକ ଯାତ୍ରାରେ ପୁସ୍ତକ ଏକ ଅଭିର୍ଣ୍ଣ ମାଧ୍ୟମ। ଇସ୍କନର ମୁଦ୍ରଣ ସଂସ୍ଥା ଭକ୍ତି ବେଦାନ୍ତ ବୁକ ଟ୍ରଷ୍ଟ ପକ୍ଷରୁ ବିଶ୍ୱର ପ୍ରଥମ ସମନ୍ୱିତ ଇ-ଲାଇବ୍ରେରୀ ଆପ ଟ୍ରାନସେଣ୍ଡର ଆରମ୍ଭ ହୋଇଛି। ଏଥିରେ ଉଭୟ ଅଡିଓ ଏବଂ ଇ-ବୁକ ସୁବିଧା ଉପଲବ୍ଧ ହେବ। ମାତ୍ର କିଛି ଟ୍ୟାପରେ ଅଡିଓ କିମ୍ବା ଇ ବୁକ ପଢ଼ିବାର ସୁଯୋଗ ମିଳିବ। ନିଜ ଇଚ୍ଛା ଏବଂ ସୁବିଧା ମୁତାବକ ବିକଳ୍ପ ଚ୍ୟନ କରି ହେବ।ପରମ ପୂଜ୍ୟ ଶ୍ରୀଲ ପ୍ରଭୁପାଦଙ୍କ ଦ୍ୱାରା ଲିଖିତ ପୁସ୍ତକର ୨.୭ ଲକ୍ଷ ପୃଷ୍ଠାର ୫.୬ କୋଟି ଶବ୍ଦକୁ ୮ହଜାର ଘଣ୍ଟାର ଅଡିଓରେ ରୂପାନ୍ତର କରାଯାଇଛି। ଏହି ପ୍ଲାଟଫର୍ମରେ ୬୦୦ ଇ-ବୁକ ମଧ୍ୟ ରହିଛି। ଆଣ୍ଡରଏଡ୍ ଏବଂ ଆଇଓଏସ ପ୍ଲାଟଫର୍ମରେ ଏହା ଉପଲବ୍ଧ। ଏହାକୁ ଥରେ କ୍ରୟ କରି ସାରା ଜୀବନ ବ୍ୟବହାର କରାଯାଇ ପାରିବ। ଏହି ଆପକୁ ବ୍ୟବହାର କରିବା ସହଜ। ଅଡିଓ ବୁକ ଏବଂ କଣ୍ଟେଣ୍ଟ ୧୧ ଆଞ୍ଚଳିକ ଭାଷାରେ ଉପଲବ୍ଧ। ଏହି ଅବସରରେ ଭକ୍ତି ବେଦାନ୍ତ ବୁକ ଟ୍ରଷ୍ଟର ଟ୍ରଷ୍ଟି ଏବଂ ସିଇଓ ଆନନ୍ଦ ତୀର୍ଥ ଦାସ କହିଛନ୍ତି, ଆଧ୍ୟାତ୍ମିକ ଯାତ୍ରା ଏବଂ ନିଜକୁ ଖୋଜିବା ଦିଗରେ ମନୋନିବେଶ କରୁଥିବା ବ୍ୟକ୍ତି ବିଶେଷଙ୍କ ଲାଗି ଏହି ଆପ ବିକଶିତ କରା ଯାଇଛି। କେଉଁ ଆଡେ ଯାତ୍ରା ହେଉକି ଫାଙ୍କା ସମୟ ଲୋକେ ତାଙ୍କ ସମୟକୁ ଏହି ଆପ ଦ୍ୱାରା ଆଧ୍ୟାତ୍ମିକ ଦିଗରେ ଲଗାଇ ପାରିବେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray